# ତ୍ରୟୋଦଶ ପରିଚାଳନା ସମିତି ବୈଠକ



ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତିର ତ୍ରୟୋଦଶ ପରିଚାଳନା ସମିତି ବୈଠକ ଭୁବନେଶ୍ୱରସ୍ଥିତ ରାଜ୍ୟ ସଚିବାଳୟରେ ୨୯ ସେପ୍ଟେମ୍ବର ୨୦୧୧ରେ ଅନୁଷ୍ଠିତ ହୋଇଯାଇଛି । କୃଷି ଉତ୍ପାଦନ କମିଶନର ତଥା ଏସିଏସ ଏବଂ ପରିଚାଳନା ସମିତିର ଅଧ୍ୟକ୍ଷ ଶ୍ରୀ ଆର.ଏନ.ସେନାପତି, ଭା.ପ୍ର.ସେ. ସଭାକୁ ପରିଚାଳନା କରିଥିଲେ । ପତିତ ଜଙ୍ଗଲର ପୁନରୁଦ୍ଧାର, ଉପକୂଳ ବୃକ୍ଷରୋପଣ, ଜୈବବିବିଧତା ପରିଚାଳନା, ପବିତ୍ର ଉପବନର ବିକାଶ, ଏସଏଚଜି ସହ ସଂଯୋଗୀକରଣ, ସ୍ୱଳ୍ପ ଧୂମ ସ୍ୱଳ୍ପ ଜାଳେଣୀ ଚୁଲାର ସ୍ଥାପନା, ଜଙ୍ଗଲ କୃଷି କାର୍ଯ୍ୟ ସମ୍ପାଦନ ଓ ନିୟମିତ ବ୍ୟବଧାନରେ ଜିଲ୍ଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ ଆଦି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ଏହାବାଦ ୨୦୧୧-୧୨ ବର୍ଷ ପାଇଁ ଅତିରିକ୍ତ କାର୍ଯ୍ୟଯୋଜନା ଓ ଅତିରିକ୍ତ ବ୍ୟୟବରାଦ ଏବଂ ୨୦୧୦-୧୧ ବର୍ଷର ଆଭ୍ୟନ୍ତରୀଣ ଆୟବ୍ୟୟ ହିସାବର ସମୀକ୍ଷା (ଅଡିଟ୍) ରିପୋର୍ଟ ଉପରେ ଆଲୋଚନା ହୋଇ ତାହା ଗୃହୀତ ହେଲା । ଶ୍ରୀ ପି.ଏନ ପାଢୀ, ଭା.ବ.ସେ., ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓଡ଼ିଶା, ଶ୍ରୀ ଜେ.ଡି. ଶର୍ମା, ଭା.ବ.ସେ. ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ବନ୍ୟପ୍ରାଣୀ) ଓଡ଼ିଶା, ଶ୍ରୀ ବି.ପି ସିଂହ, ଭା.ବ.ସେ. ସ୍ୱତନ୍ତ୍ର ସଚିବ ଜଙ୍ଗଲ ଓ ପରିବେଶ ବିଭାଗ, ଶ୍ରୀ ପି.କେ ବେହେରା, ସଚିବ ନ୍ୟୁଜ୍, ଶ୍ରୀ ବିନୋଦକୁମାର ଭା.ବ.ସେ. ପ୍ରକଳ୍ପ ନିର୍ଦ୍ଦେଶକ ଓଏଫଏସଡିପି ଏବଂ ଶ୍ରୀ ରାଜୀବ କୁମାର, ଭା.ବ.ସେ., ଶ୍ରୀ ଡି.ଡି ବିଶ୍ୱାଳ, ଭା.ବ.ସେ. ଓ ଶ୍ରୀ ଆର. ରଘୁପ୍ରସାଦ, ଭା.ବ.ସେ. ସମସ୍ତେ ଓଏଫଏସଡିପିର ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ ବୈଠକରେ ଉପସ୍ଥିତ ଥିଲେ । ଅଧ୍ୟକ୍ଷ ଓଏଫଏସଡିପିର ପୂର୍ବବର୍ତ୍ତୀ ସଂସ୍କରଣ ସୂଚନାପତ୍ରର ଉଭୟ ଇଂରାଜୀ ଓ ଓଡ଼ିଆ ଭାଗ ଉନ୍ମୋଚନ କରିଥିଲେ ।

**କି.ଉଦୟଗିରିର ଏସଏଚଜିଗୁଡିକ କରୁଛନ୍ତି ନିୟମିତ ବ୍ୟବସାୟ**

# ସଫଳ ଉଦ୍ୟୋଗ ଦିଗରେ ଅଗ୍ରସର

ଓଡ଼ିଶାର ଦକ୍ଷିଣାଞ୍ଚଳ ମୁଖ୍ୟତଃ କନ୍ଧମାଳ, କୋରାପୁଟ ଓ ରାୟଗଡାର କିଛି ଭାଗରେ ହଳଦୀ ଏକ ସାଧାରଣ ଉତ୍ପାଦଭାବେ ପ୍ରାପ୍ତ ହୁଏ । ଏହି ସମସ୍ତ ଅଞ୍ଚଳରେ ଢିପ ଜମିଗୁଡିକରେ ଏହା ଏକକ ଫସଲଭାବେ ଚାଷ କରାଯାଏ । ଜୁନ୍ ମାସରେ ବିହନ ବୁଣାଯାଇ ଫେବୃୟାରୀ-ମାର୍ଚ୍ଚ ମାସରେ ଅମଳ କରାଯାଏ । ଚାଷୀମାନେ ଘରୋଇ ବ୍ୟବହାର ପାଇଁ ଅଳ୍ପ ପରିମାଣର ହଳଦୀ ରଖି ବଳକା ଉତ୍ପାଦ ବିକ୍ରି କରିଦିଅନ୍ତି । ଏଥଯୋଗୁଁ ସେଠାରେ ମିଳିତ ବିକ୍ରି କରି ଭଲ ଲାଭ ପାଇବାର ବିରାଟ ସୁଯୋଗ ରହିଥିଲା । ଓଏଫଏସଡିପି ଦ୍ୱାରା ନିଯୁକ୍ତ ଆୟସୃଷ୍ଟିକାରୀ ସହଯୋଗ ସଂସ୍ଥା (ଆଇଜିଏଏସଏ) ଏସଏଚଜିଗୁଡ଼ିକୁ ବଜାର ସଂଯୋଗୀକରଣ ଉପରେ ତାଲିମ ପ୍ରଦାନ କରୁଥିଲା ଯାହାକୁ ପରବର୍ତ୍ତୀ ସମୟରେ ଏକ ଗୋଷ୍ଠୀ(କ୍ଲଷ୍ଟର)ରେ ପରିଣତ କରାଗଲା । ସମ୍ମିଳିତ ହଳଦୀ ବିକ୍ରି ପାଇଁ ଆଠୋଟି ଭିଏସଏସର ୨୩ଟି ଏସଏଚଜି ଏହି ଗୋଷ୍ଠୀରେ ସାମିଲ ହେଲେ । ୧୦ଟି ଏସଏଚଜି ଭିଏସଏସର ଗ୍ରାମ୍ୟ ବନ ଉନ୍ନୟନ ପାଣ୍ଠିରୁ ଏଥିପାଇଁ ଋଣ ନେଲେ । ବଳକା ୧୩ଟି ଏସଏଚଜି ଏଥିପାଇଁ ସେମାନଙ୍କ ପୂର୍ବ ଋଣ ଟଙ୍କା ବ୍ୟବହାର କଲେ । ସେମାନେ ସମସ୍ତେ ସ୍ଥାନୀୟ ଅଞ୍ଚଳରୁ ହଳଦୀ କିଣିବାକୁ ନିଷ୍ପତ୍ତି ନେଲେ । ୭୯-୮୦ ଟଙ୍କା ପ୍ରତି କୁଇଣ୍ଟାଲ ଦରରେ ୨୦୦ କୁଇଣ୍ଟାଲ ହଳଦୀ ସଂଗ୍ରହ କରାଗଲା । ସମସ୍ତ ପ୍ରକାର ହଳଦୀ ମିଶାମିଶି ହଳଦୀକୁ କୁଇଣ୍ଟାଲ ପ୍ରତି ୯୪-୯୫ ଟଙ୍କା ଦରରେ





ସେମାନେ ୧୮୫ କୁଇଣ୍ଟାଲ ହଳଦୀ ବିକ୍ରି କଲେ । ବଜାରରେ ହଳଦୀର ଦର କମିଯିବା ଯୋଗୁଁ ସେମାନେ ଆଉ ୧୫ କୁଇଣ୍ଟାଲ ହଳଦୀ ବିକ୍ରି ନ କରି ମହଜୁଦ ରଖିଛନ୍ତି । ଏହି ୧୫ କୁଇଣ୍ଟାଲ ହଳଦୀକୁ ବିଭିନ୍ନ ମେଳା ଓ ପ୍ରଦର୍ଶନୀରେ ବିକ୍ରି କରିବାର ଯୋଜନା ରଖାଯାଇଛି । ଏହି ଗୋଷ୍ଠୀଭିତ୍ତିକ କାର୍ଯ୍ୟକଳାପ ଯୋଗୁଁ ଏସଏଚଜିଗୁଡିକ ଭଲ ଲାଭ ଅର୍ଜନ କରିପାରିଛନ୍ତି । ସେମାନେ ଭିଏସଏସରୁ ନେଇଥିବା ଋଣ ରାଜି ହୋଇଥିବା ସୁଧ ସମେତ ପରିଶୋଧ କରିପାରିଛନ୍ତି । ଆଇଜିଏଏସଏ ଦଳ ସେମାନଙ୍କୁ ପରସ୍ପର ସହ ମିଶି କାମ କରିବା ଓ ତାଲିମ ପ୍ରଦାନ କରିଥିବାବେଳେ ଏହି ସମସ୍ତ କାର୍ଯ୍ୟକ୍ରମରେ ସେମାନେ ଭଲ ଅଭିଜ୍ଞତା ହାସଲ କରିପାରିଛନ୍ତି । ଏବେ ଏହି ଗୋଷ୍ଠୀ ସେମାନଙ୍କ ଉତ୍ପାଦକୁ ଶିଝାଇ, ଶୁଖାଇ, ଚିକ୍କଣ କରି ଓ ମାନ ନିର୍ଦ୍ଧାରଣ ଆଦି ମୂଲ୍ୟ ସଂଯୋଗ କରିବାକୁ ଯୋଜନା ରଖିଛି । ଆସନ୍ତାବର୍ଷ ସେମାନେ ତାଙ୍କର ଏହି ଉତ୍ପାଦକୁ ଭଲ ପ୍ୟାକେଜିଂ କରି ଏକ ନିର୍ଦ୍ଦିଷ୍ଟ ବ୍ରାଣ୍ଡ ନାମରେ ବିକ୍ରି କରିବାକୁ ଆଗ୍ରହୀ ଅଛନ୍ତି ।

# ଏସଏଚଜି ଦ୍ୱାରା ଲାଭଦାୟକ କୋବି ଚାଷ ଓ ବେପାର

ଡେଲରପଦର ଭିଏସଏସ ବାଲିଗୁଡା କ୍ଷେତ୍ର ପରିଚାଳନା କେନ୍ଦ୍ରର ଏକ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମକୁ ନେଇ ଗଠିତ ହୋଇଛି ଓ ସେମାନେ ନିର୍ଦ୍ଧାରିତ ଜଙ୍ଗଲ ଅଞ୍ଚଳକୁ ଯୁଗ୍ମ ବନ ପରିଚାଳନା ଧାରାରେ ପରିଚାଳନା କରିଆସୁଛନ୍ତି । ଜୀବିକା ନିର୍ବାହ ପାଇଁ ଏହି ଆଦିବାସୀ ଗ୍ରାମର ଲୋକେ ପରିବା ଚାଷ କରନ୍ତି । ସେମାନେ ପାରମ୍ପରିକ ପଦ୍ଧତିରେ ଓ ବ୍ୟକ୍ତିଗତଭାବେ ଚାଷ କରନ୍ତି । ମାର୍ଟ-ସିଓ୍ୱାଇଏସଡି ସଙ୍ଗଠନକୁ ଆଇଜିଏ ସହାୟକ ସଂସ୍ଥାଭାବେ ଓଏଫଏସଡିପି ଏଠାରେ ନିଯୁକ୍ତି ଦେଇଛି । ସେମାନଙ୍କ ଦଳ ଭିଏସଏସର ସର୍ଭେ କରି ଗ୍ରାମର ଏକମାତ୍ର ଏସଏଚଜିକୁ ସମ୍ମିଳିତ ପରିବା ଚାଷ ଓ ବିକ୍ରି ପାଇଁ ରାଜି କରାଇଲେ । ମହାଲକ୍ଷ୍ମୀ ଏସଏଚଜି ପାଇଁ ୩୦,୦୦୦ ଟଙ୍କାର ଏକ ବ୍ୟବସାୟ ଯୋଜନା ପ୍ରସ୍ତୁତ କରାଗଲା । ନିଜ ପାଣ୍ଠିରୁ ଗୋଷ୍ଠୀ ୧୪,୮୦୦ ଟଙ୍କା ମିଶାଇଲା । ବ୍ୟବସାୟ ଯୋଜନା ମୁତାବକ ଭିଏସଏସରୁ ଋଣ ପାଇବା ପରେ ଆଇଜିଏଏସଏ ଦଳର ମାର୍ଗ ଦର୍ଶନରେ ଏସଏଚଜି ଦୁଇ ଏକର ଜମିରେ କୋବି ଚାଷ ଆରମ୍ଭ କଲା । ଏଥିରେ ଉଚ୍ଚମାନର ବିହନ, ସାର, କୀଟନାଶକ ଓ ଆଧୁନିକ କୃଷି ଯନ୍ତ୍ରପାତି ବ୍ୟବହାର କରାଗଲା । ଗ୍ରାମର ଅଭିଜ୍ଞ ଚାଷୀମାନେ ଚାଷକାର୍ଯ୍ୟ କିପରି କରାଯିବ ଓ ଅମଳ ପରେ କଣ କରାଯିବ ସେ ବିଷୟରେ ଏସଏଚଜିକୁ ସହାୟତା ଦେଲେ ।

ପ୍ରଥମ ଦଫା ଅମଳରେ ଏସଏଚଜି ଗୋଟିଏ ଟ୍ରାକ୍ଟର ଲୋଡ କୋବି କେ.ଜି ପ୍ରତି ଆଠ ଟଙ୍କା ଦରରେ ବାଲିଗୁଡା ଓ କେ.ନୂଆଗାଁ ବେପାରୀଙ୍କ ପାଖକୁ ପଠାଇଲା । ଦ୍ୱିତୀୟ ଅମଳରେ ବାଲିଗୁଡାର ବେପାରୀମାନଙ୍କୁ ନିଜ ଗାଁରୁ ହିଁ ଏସଏଚଜି ତିନି ଟ୍ରାକ୍ଟର ଲୋଡ କୋବି ସାତ ଟଙ୍କା ପ୍ରତି କେ.ଜି ଦରରେ ବିକ୍ରି କଲା । ଅମଳ ଋତୁର ଶେଷରେ ଏହି ଗୋଷ୍ଠୀ ୨୩,୭୦୦ ଟଙ୍କା



ଲାଭ କଲା । ବ୍ୟବସାୟ ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରିବା ଓ ମିଳିତଭାବେ ଚାଷ ତଥା ବିକ୍ରି କରି ଉଚ୍ଚ ଆୟ କରିବାର ଅଭିଜ୍ଞତା ଏବେ ଏସଏଚଜି ପାଖରେ ରହିଛି । ଏସଏଚଜିର ସଭାନେତ୍ରୀ ଦ୍ରୌପଦୀ ପ୍ରଧାନ କହନ୍ତି, "ପ୍ରଥମ ଥର ପାଇଁ ବେପାରୀମାନେ ଆମ ଗାଁକୁ ଆସି ପରିବା କିଣିଛନ୍ତି ଓ ସେ ଦିଗରେ ଆମେ ମଧ୍ୟ ଭଲ ଅର୍ଥ ରୋଜଗାର କରିପାରିଛୁ । ମିଳିତଭାବେ ଚାଷ କରିବା ଓ ବିକ୍ରି କରିବା ଦ୍ୱାରା ଆମର ଆତ୍ମବିଶ୍ୱାସ ବୃଦ୍ଧିପାଇଛି ଓ ଏହି କାର୍ଯ୍ୟକ୍ରମରୁ ଆମେ ବହୁତ କିଛି ଶିଖିପାରିଛୁ ।"



# OFSDP ପ୍ରକଳ୍ପ ସୂଚନାପତ୍ର

## ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ


ଭାଗ - ୫/ ସଂସ୍କରଣ - ୩

ଜୁଲାଇ-ସେପ୍ଟେମ୍ବର, ୨୦୧୧


## ପ୍ରକଳ୍ପ ନିର୍ଦ୍ଦେଶକଙ୍କ କଲମରୁ



ପୂର୍ବ ସଂସ୍କରଣରେ ମୁଁ ଲେଖିଥିଲି ଯେ ୨୦୧୧ ବର୍ଷ ପ୍ରକଳ୍ପ କାର୍ଯ୍ୟାନ୍ୱୟନର ଶେଷ ବର୍ଷ ହେବ । ବର୍ତ୍ତମାନ ମୁଁ ଆନନ୍ଦର ସହ ଆପଣମାନଙ୍କୁ ସୂଚାଇ ଦେଉଛି ଯେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଉଜୁଡା ଜଙ୍ଗଲର ପୁନରୁଦ୍ଧାର ପାଇଁ ପଞ୍ଚମ ଦଫା କାର୍ଯ୍ୟକ୍ରମ ଉଭୟ ଯୁଗ୍ମ ବନ ପରିଚାଳନା ଓ ଅଣ ଯୁଗ୍ମ ବନ ପରିଚାଳନା ଧାରାରେ ୨୦୧୨ ମସିହାରେ ମଧ୍ୟ ଆରମ୍ଭ ହୋଇଯାଇଛି । ୨୦୧୧ ବର୍ଷା ଋତୁରେ ଓଏଫଏସଡିପି ବନଖଣ୍ଡ ତଥା ଖଣ୍ଡୀୟ ପରିଚାଳନା କେନ୍ଦ୍ରଗୁଡିକ ପ୍ରକଳ୍ପରେ ୨୪୦ଟି ବନ ସଂରକ୍ଷଣ ସମିତି / ପରିବେଶ ବିକାଶ କମିଟିକୁ ସାମିଲ କରିପାରିଛନ୍ତି । ଯୁଗ୍ମ ବନ ପରିଚାଳନା ଧାରାରେ, ୨୨୪୦୪ ହେକ୍ଟର ଉଜୁଡା ଜଙ୍ଗଲ ଓ ୫୧୦ ହେକ୍ଟର ହେନ୍ତାଳ ଜଙ୍ଗଲର ପୁନରୁଦ୍ଧାର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ସେହି ସମୟରେ, ୨୭୮୬ ହେକ୍ଟର ସହାୟକ ପୁନର୍ଜନନ ଶାଗୁଆନ ଏବଂ ୨୫ ହେକ୍ଟର ଝାଉଁ ବୃକ୍ଷରୋପଣ ପ୍ରକଳ୍ପ ଅଧୀନରେ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଇଛି । ୨୦୧୧ରେ ପ୍ରକଳ୍ପ ଛତ୍ରଛାୟାରେ ୧୩୪୮ଟି ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ଆୟକାରୀ କାର୍ଯ୍ୟକଳାପ ଆରମ୍ଭ କରିଛନ୍ତି । ସାତକୋଶିଆ ଅଭୟାରଣ୍ୟରେ ଚୋଟକେଇ ପରିବେଶ ବିକାଶ କମିଟି ଦ୍ୱାରା ସହାବସ୍ଥାନ ବ୍ୟବସ୍ଥା ସହ ସୁସ୍ଥ ପରିବେଶ ପର୍ଯ୍ୟଟନ ଏହି ତିନି ମାସ ମଧ୍ୟରେ ଅତି ଉତ୍ସାହପ୍ରଦଭାବେ ଆଗେଇଚାଲିଛି । ଏହି ପ୍ରାକୃତିକ ଶିବିର ନଭେମ୍ବର ୨୦୧୧ରେ ଖୋଲାଯିବାର ଯୋଜନା ଥିଲେ ମଧ୍ୟ ତାହା ୮ ଡିସେମ୍ବର ୨୦୧୧ ରେ ପର୍ଯ୍ୟଟକଙ୍କ ପାଇଁ ଖୋଲାଗଲା । ପ୍ରକଳ୍ପର ଏହି ଏକକ ଓ ଅଦ୍ୱିତୀୟ କାର୍ଯ୍ୟକ୍ରମ ଚୋଟକେଇ ଗୋଷ୍ଠୀର ଅଧ୍ୟବସାୟ ଓ ନିଷ୍ଠାପର ଉଦ୍ୟମ ଯୋଗୁଁ ସଫଳ ହୋଇପାରିଛି । ସାତକୋଶିଆର ପ୍ରକୃତି ପର୍ଯ୍ୟଟକମାନେ ସେମାନଙ୍କ ମୂଲ୍ୟବାନ ସହଯୋଗ ଯୋଗୁଁ ଏହି ସେବା ଚୋଟକେଇ ଇଡିସି ଦ୍ୱାରା ପାଇପାରୁଛନ୍ତି । ଓଏଫଏସଡିପି ଚୋଟକେଇ ପରିବେଶ ବିକାଶ କମିଟି ଓ ପରିବେଶ ପର୍ଯ୍ୟଟନ ଗୋଷ୍ଠୀକୁ ପ୍ରୋତ୍ସାହିତ କରୁଛି ।

ମୁଁ ନିଶ୍ଚିତ ଯେ ପ୍ରକଳ୍ପ ଅନ୍ତର୍ଗତ ମୋଟ ୨୩୦୧ଟି ଭିଏସଏସ ଓ ଇଡିସି ଖଣ୍ଡୀୟ ପରିଚାଳନା କେନ୍ଦ୍ରର ନିର୍ଦ୍ଦେଶ ଓ ଆଦେଶାବଳୀର ଲାଭ ଉଠାଇ ଅକ୍ଟୋବର-ଡିସେମ୍ବର ୨୦୧୧ ମଧ୍ୟରେ ସେମାନଙ୍କ ପ୍ରଚଳିତ କାର୍ଯ୍ୟକ୍ରମକୁ ଦୃଢ ଓ ଶକ୍ତିଶାଳୀ କରିପାରିଛନ୍ତି । ଏହି ବିକାଶ କାର୍ଯ୍ୟକ୍ରମକୁ ଭିତ୍ତି କରି ପ୍ରକଳ୍ପ କାର୍ଯ୍ୟକୁ ଅତି କମ୍‌ରେ ଆଉ ଦୁଇ ବର୍ଷ ପାଇଁ ବଢାଇବାକୁ ଆମେ ଆଶା କରୁଛୁ । ଏଥିସହ ପ୍ରକଳ୍ପ ପରବର୍ତ୍ତୀ ପର୍ଯ୍ୟାୟରେ ଭିଏସଏସ / ଇଡିସିର ପ୍ରତିପାଳନକ୍ଷମ ପରିଚାଳନା ତଥା ସମ୍ପଦ ପରିଚାଳନା ଓ ଫଳପ୍ରସୂ ବ୍ୟବହାର ଉପରେ ଦୃଷ୍ଟିନିବଦ୍ଧ କରାଯାଉଛି । ଜୁଲାଇ ୨୦୧୧ରେ ଜାଇକା ମିଶନ ସମୀକ୍ଷା ଓ ସେପ୍ଟେମ୍ବର ୨୦୧୧ରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ସମୀକ୍ଷା ପ୍ରକଳ୍ପ କାର୍ଯ୍ୟକାଳ ବୃଦ୍ଧି ପ୍ରସ୍ତାବ ଉପରେ ଆମକୁ ଦିଗଦର୍ଶନ ଦେବାରେ ସହାୟକ ହୋଇଛି ।

ଏହି ତିନିମାସରେ ପ୍ରକଳ୍ପ ଦ୍ୱାରା କରାଯାଇଥିବା ଏକ ଅନୁଶୀଳନ 'ଜୈବ ବିବିଧତା ଉପରେ ସହାୟକ ପୁନର୍ଜନନ କାର୍ଯ୍ୟକ୍ରମର ପ୍ରଭାବ'ର ରିପୋର୍ଟ ଓ ଇଣ୍ଡିଆନ ଫରେଷ୍ଟରରେ ପ୍ରକାଶିତ "ଯୁଗ୍ମ ବନ ପରିଚାଳନା ମାଧ୍ୟମରେ ଜଙ୍ଗଲ ପୁନରୁଦ୍ଧାରରେ ସହାୟକ ପୁନର୍ଜନନ କାର୍ଯ୍ୟକ୍ରମ ଏକ ଉପକରଣ-ପ୍ରଚଳିତ ଧାରାର ବିଶ୍ଲେଷଣ ଓ ତାହାକୁ ଅଧିକ ଶାଣିତ କରିବାର ସୁଯୋଗ" ଶୀର୍ଷକ ଲେଖା ଯାହାକି ସ୍ଥାନୀୟ ଜ୍ଞାନକୌଶଳ ଓ ଉପଲବ୍ଧ ଜଙ୍ଗଲ ବୁଦା ସଫେଇ ଜ୍ଞାନକୌଶଳଭିତ୍ତିରେ ସହାୟକ ପୁନର୍ଜନନ କାର୍ଯ୍ୟକ୍ରମର ଅନ୍ତର୍ନିହିତ ଶକ୍ତି ପ୍ରଦର୍ଶିତ କରୁଛି । ଜଙ୍ଗଲ ଉପରେ ନିର୍ଭରଶୀଳ ଗୋଷ୍ଠୀଙ୍କ ଜୀବିକା ନିର୍ବାହ ଚିନ୍ତାକୁ ଦୂର କରାଯାଇପାରିଲେ ଜଙ୍ଗଲ ଅବକ୍ଷୟ ଯୋଗୁଁ ନଷ୍ଟ ହେଉଥିବା ଜୈବ ବିବିଧତା ଓ ତାହା ଦ୍ୱାରା ବୃଦ୍ଧି ପାଉଥିବା ଶୂନ୍ୟସ୍ଥାନକୁ ରୋକାଯାଇପାରିବ । ସ୍ଥାନୀୟ ଅର୍ଥନୀତିକୁ ଅଣକାଷ୍ଠ ବନଜାତ ଦ୍ରବ୍ୟ ଏତେ ଭଲ ଲାଭ ଦେଉଛି ଯେ ଯାହାଦ୍ୱାରା ଜୀବିକା ନିର୍ବାହ ପାଇଁ କାଠ ଓ ଜାଳେଣୀ କାଠ ସଂଗ୍ରହ ପାଇଁ ଜଙ୍ଗଲ ଉପରେ ହେଉଥିବା ଶୋଷଣ ବନ୍ଦ ହେଲାଣି ।

ଆନ୍ତର୍ଜାତିକ ଜଙ୍ଗଲ ବର୍ଷ ୨୦୧୧ ପାଳନ ଅବସରରେ ଓଏଫଏସଡିପି ନିଜର ଅଧିକାରୀ ତଥା ଭିଏସଏସ ଓ ଏସଏଚଜି ସଭ୍ୟମାନଙ୍କ ସହ ନୂଆଦିଲ୍ଲୀରେ ୨୦୧୧ ନଭେମ୍ବର ୨୨ରୁ ୨୫ ତାରିଖ ଯାଏଁ ଅନୁଷ୍ଠିତ ପ୍ରଥମ ଭାରତୀୟ ଜଙ୍ଗଲ କଂଗ୍ରେସ ତଥା ଯୁଗ୍ମ ବନ ପରିଚାଳନା କାର୍ଯ୍ୟକ୍ରମରେ ଯୋଗଦେଇଥିଲା । ମୁଁ ଆନନ୍ଦର ସହ ଜଣାଇବାକୁ ଚାହୁଁଛି ଯେ 'ଭଏସେସ୍ ଫ୍ରମ ଦି ଫିଲ୍ଡ' ଅଧୀନରେ ପ୍ରତି ରାଜ୍ୟରୁ ଗୋଟିଏ ଉଚ୍ଚକୋଟିର କାର୍ଯ୍ୟକ୍ରମ ଭିଡିଓ ଦୃଶ୍ୟ ସହ ପ୍ରଦର୍ଶନ କରାଯାଇଥିଲା କିନ୍ତୁ ସେଥିରେ ଓଡ଼ିଶାରୁ ଦୁଇଟି କାର୍ଯ୍ୟକ୍ରମ ସ୍ଥାନ ପାଇଥିଲା, ତାହା ହେଲା ଅନଗୁଳ ବନଖଣ୍ଡରେ ଯୁଗ୍ମ ବନ ପରିଚାଳନା କମିଟି ଦ୍ୱାରା ଜଙ୍ଗଲ ପୁନରୁଦ୍ଧାର ଓ ଅନ୍ୟଟି ହେଲା ଚିଲିକା ଆର୍ଦ୍ରଭୂମିର ପୁନରୁଦ୍ଧାର । ଏଥିସହ କୋରାପୁଟ ବନଖଣ୍ଡର ଯୁଗ୍ମ ବନ ପରିଚାଳନା କମିଟି ଦ୍ୱାରା କରାଯାଇଥିବା ଅନ୍ୟ ଏକ ସଫଳ କାର୍ଯ୍ୟ ଭିଡିଓରେ 'ବନଧନ' ଶୀର୍ଷକରେ ଅଧିକାରୀ ଓ ଯୁଗ୍ମ ବନ ପରିଚାଳନା କମିଟି ସଭ୍ୟମାନଙ୍କ ଆଗରେ ପ୍ରଦର୍ଶିତ ହୋଇଥିଲା । ଆହୁରି ମଧ୍ୟ ଓଏଫଏସଡିପି ରାଜ୍ୟସ୍ତରରେ ଆନ୍ତର୍ଜାତିକ ଜଙ୍ଗଲ ବର୍ଷ ୨୦୧୧ ପାଳନ କରିଥିଲା, ଆଞ୍ଚଳିକସ୍ତରରେ ଚାରିଟି କର୍ମଶାଳା (ନଭେମ୍ବରରୁ ଡିସେମ୍ବର ୨୦୧୧ ମଧ୍ୟରେ) ଏବଂ 'ଓଡ଼ିଶା ଜଙ୍ଗଲ ସମ୍ପଦ: ସମସ୍ୟା, ଆହ୍ୱାନ ଓ ଦକ୍ଷତା ବିଷୟବସ୍ତୁକୁ ନେଇ ଭୁବନେଶ୍ୱରରେ ୨୨ରୁ ୨୪ ଡିସେମ୍ବର ଯାଏଁ ଆୟୋଜିତ ଓଡ଼ିଶା ପରିବେଶ କଂଗ୍ରେସ ୨୦୧୧ ଆୟୋଜନ କରି ଗାଁର ଗୋଷ୍ଠୀ, ଛାତ୍ରଛାତ୍ରୀ, ବିଜ୍ଞାନଭିତ୍ତିକ ଅନୁଷ୍ଠାନ, ବିଶ୍ୱବିଦ୍ୟାଳୟ, ସରକାରୀ ସଂସ୍ଥା ଓ ବେସରକାରୀ ସଙ୍ଗଠନ ପରସ୍ପର ସହ ଜ୍ଞାନର ଆଦାନପ୍ରଦାନ କରିବାକୁ ପ୍ରଥମ ଥର ପାଇଁ ଏହା ଏପରି ଏକ ମଞ୍ଚ ଯୋଗାଇଦେଲା । ଖୁସିର ବିଷୟ ଯେ କଂଗ୍ରେସର ସମସ୍ତ ପ୍ରଦର୍ଶନ(ଉପସ୍ଥାପନ), ଆଲୋଚନା ଓ ପ୍ରକାଶିତ ସମସ୍ତ ତଥ୍ୟରେ ଗୋଷ୍ଠୀ ପାଇଁ ଏବଂ ଜଙ୍ଗଲ ପୁନରୁଦ୍ଧାର ପାଇଁ ଓଏଫଏସଡିପି ଅଧୀନରେ କରାଯାଇଥିବା ପ୍ରକ୍ରିୟା, କାର୍ଯ୍ୟକ୍ରମ ଓ ସଫଳତାର ପ୍ରଶଂସା କରାଯାଇଛି । ପ୍ରକଳ୍ପର ସମସ୍ତ ଅଂଶଗ୍ରହଣକାରୀମାନେ ଏହାକୁ ଦୃଷ୍ଟିରେ ରଖି ସେମାନଙ୍କ କାର୍ଯ୍ୟକ୍ରମ କିପରି ପ୍ରତିପାଳନକ୍ଷମ ହୋଇପାରିବ ସେଥିପ୍ରତି ଧ୍ୟାନ ଦେବେ ।

ସୂଚନାପତ୍ରର ଏହି ସଂସ୍କରଣରେ ତିନିମାସର ବଛା ବଛା କେତେକ ଘଟଣା ଏବଂ ଅଗ୍ରଗତି ଯଥା ବୃକ୍ଷରୋପଣ, ତାଲିମ ଓ ଦକ୍ଷତା ବୃଦ୍ଧି, ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ଏବଂ ଓଏଫଏସଡିପିର କେତେକ ଉତ୍ସବ ସମ୍ପର୍କରେ ତଥ୍ୟ ସାମିଲ କରାଯାଇଛି । ପାଠକମାନେ ସେଥିରୁ ବହୁ ଜ୍ଞାନବର୍ଦ୍ଧକ ସୂଚନା ପାଇପାରିବେ ।

ବିନୋଦକୁମାର
ପ୍ରକଳ୍ପ ନିର୍ଦ୍ଦେଶକ

# ସବୁଜିମା ଆଡ଼କୁ

## ୨୦୧୦-୧୧ ମଧ୍ୟରେ ମୋଟ ବୃକ୍ଷରୋପଣ ସଫଳତା (ନଭେମ୍ବର ୨୦୧୧ ସୁଦ୍ଧା)

| ଏଏନଆର | ଅର୍ଥନୈତିକ | ଚାରା ଓ ଜାଳେଣୀ | ବାଉଁଶ ଓ ବେତ | ଏନଟିଏଫପି | ମୋଟ | ଏଆର ଶାଗୁଆନ | ହେନ୍ତାଳ | ଝାଉଁ |
|---|---|---|---|---|---|---|---|---|
| ୧୬୩୭୩ | ୧୫୧୧ | ୧୩୪୮ | ୨୯୮ | ୨୮୭୪ | ୨୨୪୦୪ | ୨୭୮୬ | ୫୧୦ | ୨୫ |

## ୨୦୧୧-୧୨ ପର୍ଯ୍ୟନ୍ତ ମୋଟ ବୃକ୍ଷରୋପଣ ସଫଳତା (ନଭେମ୍ବର ୨୦୧୧ ସୁଦ୍ଧା)

| ଏଏନଆର | ଅର୍ଥନୈତିକ | ଚାରା ଓ ଜାଳେଣୀ | ବାଉଁଶ ଓ ବେତ | ଏନଟିଏଫପି | ମୋଟ | ଏଆର ଶାଗୁଆନ | ହେନ୍ତାଳ | ଝାଉଁ |
|---|---|---|---|---|---|---|---|---|
| ୧୪୬୪୨୬ | ୭୪୭୪ | ୮୨୪୪ | ୨୩୨୩ | ୧୯୦୭୧ | ୧୮୩୫୩୭ | ୧୧୬୦୫ | ୨୫୧୬ | ୯୨ |

## କୋରାପୁଟରେ ସମୂହ ବୃକ୍ଷରୋପଣ



ସମସ୍ତ ବର୍ଗର ଲୋକଙ୍କ ମଧ୍ୟରେ ବୃକ୍ଷରୋପଣର ଗୁରୁତ୍ୱ ଉପଲବ୍ଧ କରାଇବା ପାଇଁ କୋରାପୁଟ ଖଣ୍ଡୀୟ ପରିଚାଳନା କେନ୍ଦ୍ରରେ ପ୍ରତୀକାତ୍ମକ ଦିନିକିଆ ବୃକ୍ଷରୋପଣ ୭ ଜୁଲାଇ ୨୦୧୧ରେ ଆୟୋଜନ କରାଯାଇଥିଲା। ସ୍ଥାନୀୟ ବିଧାୟକ, ପଞ୍ଚାୟତିରାଜ ପ୍ରତିନିଧି, ଶିକ୍ଷାବିତ୍, ବିଦ୍ୱାନ ବ୍ୟକ୍ତି, ବେସରକାରୀ ସଙ୍ଗଠନ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ବନ ସଂରକ୍ଷଣ ସମିତି ସଭ୍ୟ ଓ ଅନ୍ୟ ବିଭାଗର କର୍ମଚାରୀମାନେ ଏହି ଦିନିକିଆ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ଜଙ୍ଗଲର ମହତ୍ତ୍ୱ, ବିଭିନ୍ନ ପ୍ରକାର ବନୀକରଣ କାର୍ଯ୍ୟକ୍ରମ ଏବଂ ବ୍ୟକ୍ତିଗତ ତଥା ସମୂହ ବୃକ୍ଷରୋପଣ ଆଦି ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କୋରାପୁଟ ଖଣ୍ଡୀୟ ପରିଚାଳନା କେନ୍ଦ୍ରରେ ଏହି ସମୂହ ବୃକ୍ଷରୋପଣ କାର୍ଯ୍ୟକ୍ରମ ଗୋଟିଏ ଦିନରେ ୧୦ଟି ସ୍ଥାନରେ କାର୍ଯ୍ୟକାରୀ କରାଯାଇଥିଲା। ଓଏଫଏସଡିପି ଅଧୀନରେ ସାତୋଟି ସ୍ଥାନରେ ଓ ତ୍ରୟୋଦଶ ଅର୍ଥ କମିଶନ ଅନୁଦାନରେ ତିନୋଟି ସ୍ଥାନରେ ଏହା କାର୍ଯ୍ୟକାରୀ କରାଯାଇଥିଲା। ମୋଟ ୮୫.୮ ହେକ୍ଟର ଅଞ୍ଚଳରେ ବୃକ୍ଷରୋପଣ କରାଯାଇଥିଲା। ଆରସିସିଏଫ କୋରାପୁଟ ଓ ବନଖଣ୍ଡ ଅଧିକାରୀ ତଥା ଖଣ୍ଡୀୟ ପରିଚାଳନା କେନ୍ଦ୍ର ମୁଖ୍ୟ ଏହି କାର୍ଯ୍ୟକ୍ରମକୁ ତଦାରଖ କରିବା ସହ କ୍ଷେତ୍ର ଅଧିକାରୀମାନଙ୍କୁ ମାର୍ଗଦର୍ଶନ କରାଇଥିଲେ। ଏହି ଦିନିକିଆ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସଫଳ କରାଇବା ପାଇଁ ସମସ୍ତ ବନ ବିଭାଗ କର୍ମଚାରୀ ନିଜକୁ ସଂଶ୍ଳିଷ୍ଟ କରାଇଥିଲେ।



## ଛାତ୍ରଛାତ୍ରୀଙ୍କ ଦ୍ୱାରା ବୃକ୍ଷରୋପଣ



ଜୟପୁର ଖଣ୍ଡୀୟ ପରିଚାଳନା କେନ୍ଦ୍ର ଅନ୍ତର୍ଗତ ବୋରିଗୁମ୍ମା ଓ ରାଣୀଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟର ପରିବେଶ କ୍ଲବ୍‌ଗୁଡିକ ବିଦ୍ୟାଳୟ ହତା ମଧ୍ୟରେ ୫ ଜୁଲାଇ ୨୦୧୧ରେ ବୃକ୍ଷରୋପଣ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଉପଲବ୍ଧ ଅର୍ଥନୈତିକ ଗଛର ଚାରା ଓ ସୌନ୍ଦର୍ଯ୍ୟକରଣ କରୁଥିବା ବୃକ୍ଷ ଯଥା କୃଷ୍ଣଚୂଡା, ରାଧାଚୂଡା, କଦମ୍ବ, ଅଁଳା, ନିମ୍ବ ଓ କରଞ୍ଜ ଆଦି ଗଛର ଚାରା ଏହି ଛାତ୍ରଛାତ୍ରୀଙ୍କ ଦ୍ୱାରା ରୋପଣ କରାଯାଇଥିଲା। ବୃକ୍ଷରୋପଣ, ପରିବେଶ ଓ ଜଙ୍ଗଲ ଉପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ବରିଷ୍ଠ ଓ କନିଷ୍ଠ ସମସ୍ତ ବର୍ଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସେମାନଙ୍କ ଯୋଗ୍ୟତାଭିତ୍ତିରେ ସଫଳ ପ୍ରତିଯୋଗୀଙ୍କ ମଧ୍ୟରେ ପୁରସ୍କାର ବଣ୍ଟନ କରାଯାଇଥିଲା।



କ୍ଷେତ୍ର ପରିଚାଳନା କେନ୍ଦ୍ର ମୁଖ୍ୟ ଶ୍ରୀ ମହେନ୍ଦ୍ର ପାତ୍ର ଓ ଏଫଏଲଇ ଜୟପୁର ଶ୍ରୀ ରମାକାନ୍ତ ମହାନ୍ତିଙ୍କ ଉପସ୍ଥିତିରେ ବରିଷ୍ଠ ବର୍ଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି।



### ହେନ୍ତାଳ ଇଡିସି ଗ୍ରାମଗୁଡିକରେ ସ୍ୱଚ୍ଛ ପାଣି ମିଳିବା ଯୋଗୁଁ

# ଗ୍ରୀଷ୍ମ ସୁବିଧାରେ ପାର ହୋଇଗଲା





ସମୁଦ୍ର ଉପକୂଳରେ ରହୁଥିବା ଗୋଷ୍ଠୀଗୁଡିକ ବର୍ଷତମାମ ପାଣିର ଅଭାବ ଅନୁଭବ କରନ୍ତି। ଏହି ସମସ୍ୟା ଗ୍ରୀଷ୍ମ ଋତୁରେ ଉତ୍କଟ ରୂପ ଧାରଣ କରେ ଏପରିକି ପିଇବା ପାଣି, ଗାଧୋଇବା ଓ ଗାଇଗୋରୁଙ୍କୁ ପାଣି ଦେବାକୁ ପାଣିର ଅଭାବ ଦେଖାଦିଏ। ସେଠାରେ ଥିବା ପୋଖରୀଗୁଡିକର ପାଣି ଲୁଣିଆ ହୋଇଯାଏ। ସ୍ୱଚ୍ଛ ପାଣିର ଉତ୍ସ ୮୦୦ ଫୁଟ ତଳକୁ ଚାଲିଯାଏ। ସେହି ଅଞ୍ଚଳର ଲୋକଙ୍କ ପାଇଁ ନିଜ ଖର୍ଚ୍ଚରେ ଏକ ଟ୍ୟୁବ ୱେଲ (ନଳକୂପ) ଖୋଳିବା କଷ୍ଟକର କାର୍ଯ୍ୟ। ଏପରିକି ଯେଉଁଠାରେ ନଳକୂପ ଥାଏ ସେଠାରେ ପାଣି ପାଇଁ ମହିଳାମାନଙ୍କ ଦ୍ୱାରା ଲମ୍ବା ଲାଇନ ଲାଗିଥାଏ ଓ ସେମାନଙ୍କ ମଧ୍ୟରେ ଝଗଡା ମଧ୍ୟ ଲାଗିଯାଏ। ସେମାନଙ୍କୁ ପାଣି ପାଇଁ ଦୀର୍ଘ ପଥ ଅତିକ୍ରମ କରିବାକୁ ପଡେ ଯେଉଁଥିପାଇଁ ସମୟ ମଧ୍ୟ ଯାଏ। ଭଦ୍ରକ ଜିଲ୍ଲାର ୧୮ଟି ଉପକୂଳ ଗ୍ରାମରେ ଓଏଫଏସଡିପି ସହାୟତାରେ ଇଡିସି ଗଠନ କରାଯିବା ପରେ ଏହି ସମସ୍ୟାର ସମାଧାନ କରାଯାଇପାରିଲା। ଓଏଫଏସଡିପି ଅଧୀନରେ ଥିବା ତିନୋଟି ଇଡିସି ନିଷ୍ପତ୍ତି ନେଲେ ଯେ ସେମାନେ ପ୍ରବେଶିକା କାର୍ଯ୍ୟକ୍ରମ ଅଧୀନରେ ଥିବା ଟଙ୍କାରୁ ଏହି ସମସ୍ୟାର ସମାଧାନ କରିବେ। ଏହି ଇଡିସିଗୁଡିକ ହେଲେ ବାସୁଦେବପୁର କ୍ଷେତ୍ର ପରିଚାଳନା କେନ୍ଦ୍ର ଅନ୍ତର୍ଗତ ଦିପିଓରା ଗ୍ରାମ ଏବଂ ଚାନ୍ଦବାଲି କ୍ଷେତ୍ର ପରିଚାଳନା କେନ୍ଦ୍ର ଅନ୍ତର୍ଗତ କୁଆମରା ଏବଂ ଗୌରପ୍ରସାଦ। ପ୍ରବେଶିକା କାର୍ଯ୍ୟ ଅର୍ଥରୁ ମୋଟ ୨,୪୦,୦୦୦ ଟଙ୍କା ବ୍ୟୟରେ ତିନୋଟି ନଳକୂପ ଏହି ଇଡିସିଗୁଡିକରେ ଖୋଳାଗଲା। ଏବେ ଏହି ତିନି ଇଡିସିର ୧୦୦ ପରିବାର ଖୁବ୍ ଖୁସି, କାରଣ ସେମାନଙ୍କୁ ଆଉ ପାଣି ପାଇଁ ବହୁ ଦୂର ଯିବାକୁ ପଡୁନାହିଁ ଓ ଲମ୍ବା ଲାଇନରେ ଛିଡା ହେବାକୁ ପଡୁନାହିଁ। ଇଡିସିର ମହିଳା ସଭ୍ୟମାନେ ନଳକୂପର ବ୍ୟବହାର ଓ ମରାମତି ପାଇଁ ସ୍ୱେଚ୍ଛାକୃତଭାବେ ଆଗେଇ ଆସୁଛନ୍ତି।

# ରସାୟନିକ ସାର ପ୍ରୟୋଗ ବନ୍ଦ

### ଅନ୍ୟମାନଙ୍କ ପାଇଁ ଉଦାହରଣ



ଜଙ୍ଗଲ ସୁରକ୍ଷା, ବିକଳ୍ପ ଆୟକାରୀ କାର୍ଯ୍ୟକଳାପ, ବ୍ୟବହାରକାରୀ ପାଉଣା, ଗ୍ରାମ୍ୟ ବନ ଉନ୍ନୟନ ପାଣ୍ଠି ପାଇଁ ଶ୍ରମଦାନ ଏବଂ ଗୋଷ୍ଠୀ ପ୍ରସ୍ତୁତି ଆଦି କ୍ଷେତ୍ରରେ ଉଦାହରଣୀୟ କାର୍ଯ୍ୟ କରିବା ପରେ ରାଜଶଙ୍କର ଭିଏସଏସ ଏବେ ଜୈବିକ ଖତ ପ୍ରସ୍ତୁତି ଉପରେ ଦୃଷ୍ଟିନିବଦ୍ଧ କରିଛି। ଗତ ଦୁଇ ବର୍ଷ ଧରି ସେମାନେ ଜିଆଖତ ପ୍ରସ୍ତୁତ କରୁଥିଲେ ମଧ୍ୟ ଜୈବ ସାର ପ୍ରସ୍ତୁତି, ତରଳ ଜିଆ ଖତ ସଂଗ୍ରହ ଓ ବ୍ୟବହାର ତଥା ପ୍ରସ୍ତୁତି ସମ୍ପର୍କରେ ଜାଣି ନ ଥିଲେ। ଓଏଫଏସଡିପି ଜୈବସାର ପ୍ରସ୍ତୁତି ଉପରେ ଏକ ତାଲିମ ଆୟୋଜନ କରିଥିଲା ଓ ଏହି ଭିଏସଏସର ସଭ୍ୟସଚିବ ସେହି ତାଲିମ ପାଇଥିଲେ। ଏହାର ପରବର୍ତ୍ତୀ କାର୍ଯ୍ୟକ୍ରମସ୍ୱରୂପ ସେ ଭିଏସଏସ ସଭ୍ୟମାନଙ୍କୁ ନିଜ ଗାଁରେ ଜୈବ ସାର ପ୍ରସ୍ତୁତି ପାଇଁ ପଥ ପ୍ରଦର୍ଶନ କରିଥିଲେ। ଇଣ୍ଟରନ୍ୟାସନାଲ ଡେଭେଲପମେଣ୍ଟ ଇଣ୍ଟରପ୍ରାଇଜ୍ (ଇଣ୍ଡିଆ) ନାମକ ଏକ ସଂସ୍ଥା ସହ ଏଥିପାଇଁ ଏକାଭିମୁଖୀକରଣ କରାଗଲା ଓ ସେହି ସଂସ୍ଥା ଭିଏସଏସ ସଭ୍ୟମାନଙ୍କୁ ତରଳ ଜୈବିକ ସାର ପ୍ରସ୍ତୁତି, ତରଳ ଜିଆଖତ ସାର ସଂଗ୍ରହ ଓ ତାର ବ୍ୟବହାର ଉପରେ ପଥ ପ୍ରଦର୍ଶନ କଲା। ଫଳସ୍ୱରୂପ ଭିଏସଏସ ସଭ୍ୟମାନେ ଏବେ ଜିଆଖତ, ତରଳ ଜିଆଖତ ଓ ଜୈବିକ ଖତ ପ୍ରସ୍ତୁତ କରୁଛନ୍ତି ଓ ନିଜ ଚାଷ ଜମିରେ ତାହା ବ୍ୟବହାର କରୁଛନ୍ତି। ଆଉ ଏକ ପାଦଆଗେଇ ଯାଇ ଗ୍ରାମବାସୀ ଏବେ ତରଳ ଜୈବିକ ଖତ ପ୍ରସ୍ତୁତ କରୁଛନ୍ତି, ଯାହାକି ତିନି ପ୍ରକାର ପତ୍ରର ମିଶ୍ରଣରେ ପ୍ରସ୍ତୁତ ହେଉଛି। ତାହା ହେଲା ୧) 'ପିତା ପତ୍ର' ଯଥା ନିମ୍ବ, କରଞ୍ଜ ଓ କରଡା ଆଦି, ୨) 'ବାସ୍ନା ହେଉଥିବା ପତ୍ର' ଯଥା ତୁଳସୀ, ୟୁକାଲିପଟାସ ଓ ଲେମ୍ବୁ ଆଦି, ୩) 'ଅଠାଳିଆ ପତ୍ର' ଯଥା ଅରଖ, ବର ଓ ସିଜୁ ଆଦି ଜାଗେରୀ, ଗୋବର ଓ ଗୋମୂତ୍ର। ଏହି ତରଳ ଜୈବିକ ସାର ସ୍ଥାନୀୟ ଅଞ୍ଚଳରେ "ତରଳ ସାର" ବା "ମ୍ୟାଜିକ୍ ଟନିକ" ଭାବେ ପରିଚିତ। ଏହି ଭିଏସଏସରେ ଜୈବିକ ସାରର ପ୍ରୟୋଗ ବୃଦ୍ଧି ପାଇବା ଫଳରେ ରସାୟନିକ ସାର ଓ କୀଟନାଶକ ବ୍ୟବହାର କମିବାରେ ଲାଗିଛି ଓ ତାହାଦ୍ୱାରା ଗ୍ରାମବାସୀଙ୍କର ଲାଭ ହେଉଛି। ଏବେ ସେମାନେ ଏହି କାର୍ଯ୍ୟକ୍ରମ ନିକଟସ୍ଥ ଗ୍ରାମରେ ମଧ୍ୟ କାର୍ଯ୍ୟକାରୀ କରିବାକୁ ଯୋଜନା କରୁଛନ୍ତି, ଯାହାଫଳରେ ଆଗାମୀ ଦିନରେ ସମ୍ପୂର୍ଣ୍ଣ ଅଞ୍ଚଳ ଜୈବିକ ସାର ପ୍ରୟୋଗଶାଳାଭାବେ ପରିଗଣିତ ହୋଇପାରିବ। ଏହି ମାନ୍ୟତା ପାଇବା ପରେ ଜୈବିକ ଖତ ପ୍ରୟୋଗ ମାଧ୍ୟମରେ ସେମାନଙ୍କ ଦ୍ୱାରା ଉତ୍ପାଦିତ ପନିପରିବା ଓ ଫସଲ ଭଲ ମୂଲ୍ୟରେ ବିକ୍ରି ହେବ।

## ମୁଖ୍ୟ ଅଧିକାରୀ ତଥା କର୍ମଚାରୀମାନଙ୍କ ଦକ୍ଷତା ବୃଦ୍ଧି






କ୍ଷେତ୍ରରେ ଚାଲିଥିବା ଓଏଫଏସଡିପିର କାର୍ଯ୍ୟକ୍ରମ ସମୀକ୍ଷା କରିବାକୁ ସର୍କଲ (ମଣ୍ଡଳ) ସ୍ତରୀୟ ପ୍ରକଳ୍ପ ପ୍ରୋତ୍ସାହନ କର୍ମଶାଳା ପ୍ରତି ସର୍କଲର ପାଞ୍ଚୋଟି ସ୍ଥାନରେ ଆୟୋଜିତ ହୋଇଥିଲା। ଚାଲୁ ରହିଥିବା କାର୍ଯ୍ୟକ୍ରମ ଏବଂ ପ୍ରକଳ୍ପ ଅଧୀନରେ ଅନ୍ୟ ନୂତନ କାର୍ଯ୍ୟକ୍ରମ ସମ୍ପର୍କରେ ମୁଖ୍ୟ ଅଧିକାରୀମାନଙ୍କ ସହ ଦିନ ତମାମ ଆଲୋଚନା ହୋଇଥିଲା। କୋରାପୁଟ, ବ୍ରହ୍ମପୁର, ରାଉରକେଲା, ଅନଗୁଳ ଏବଂ ବାଲେଶ୍ୱର (ବନ୍ୟପ୍ରାଣୀ)ଠାରେ ଏହି କର୍ମଶାଳା ଯଥାକ୍ରମେ ୬, ୮, ୧୩, ୧୪ ଓ ୨୦ ସେପ୍ଟେମ୍ବରରେ ଅନୁଷ୍ଠିତ ହୋଇଥିଲା। ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ, ଉପ ପ୍ରକଳ୍ପ ନିର୍ଦ୍ଦେଶକ, ସାଧାରଣ ପରାମର୍ଶଦାତାଙ୍କ ସ୍ଥାନୀୟ ପ୍ରକଳ୍ପ ପରିଚାଳକ ଓ ଏମଆଇଏସ ବିଶେଷଜ୍ଞ, ପ୍ରକଳ୍ପ ପରିଚାଳନା କେନ୍ଦ୍ରରୁ ଏହି କର୍ମଶାଳାରେ ଯୋଗ ଦେଇଥିଲେ। ସମ୍ପୃକ୍ତ ସର୍କଲଗୁଡିକର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକମାନେ କର୍ମଶାଳାଗୁଡିକୁ ଉଦ୍‌ଘାଟନ କରିଥିଲେ। ଖଣ୍ଡୀୟ ପରିଚାଳନା କେନ୍ଦ୍ର ମୁଖ୍ୟ, ସହକାରୀ ଖଣ୍ଡୀୟ ପରିଚାଳନା କେନ୍ଦ୍ର ମୁଖ୍ୟ, କ୍ଷେତ୍ର ପରିଚାଳନା କେନ୍ଦ୍ର ମୁଖ୍ୟ, ଏଫଇଏସ, ବନପାଳ, ବନରକ୍ଷୀ ପ୍ରମୁଖ ଏହି କର୍ମଶାଳାରେ ଭାଗ ନେଇଥିଲେ।

## ବ୍ୟାବହାରିକ ପରିବର୍ତ୍ତନ ଉପରେ ତାଲିମ




ବନ ବିଭାଗ ଅଧିକାରୀଙ୍କ ମନରେ ସକାରାତ୍ମକ ବ୍ୟାବହାରିକ ପରିବର୍ତ୍ତନ ଦୃଢୀକରଣ ଶୀର୍ଷକ ଏକ ତାଲିମ କର୍ମଶାଳା ମୟୂରଭଞ୍ଜ ଜିଲ୍ଲା ଯଶୀପୁରଠାରେ ସେପ୍ଟେମ୍ବର ୧୮ରୁ ୨୨ ତାରିଖ ଯାଏଁ ଆୟୋଜିତ ହୋଇଯାଇଛି। ଏଥିରେ କରଞ୍ଜିଆ, ରାଇରଙ୍ଗପୁର, କେନ୍ଦୁଝର, ଭଦ୍ରକ (ବନ୍ୟପ୍ରାଣୀ) ବନଖଣ୍ଡର ମୋଟ ୩୬ ଜଣ ସହକାରୀ ବନ ସଂରକ୍ଷକ, ବନାଞ୍ଚଳ ଅଧିକାରୀ, ଏଫଇଏସ, ବନପାଳ ଓ ବନରକ୍ଷୀ ଭାଗ ନେଇଥିଲେ। ଚେନ୍ନାଇସ୍ଥିତ ହାସଲଫ୍ରେ ଫାଉଣ୍ଡେସନର ତାଲିମଦାତାମାନେ ପାଞ୍ଚ ଦିନ ଧରି ଏହି ତାଲିମ ପ୍ରଦାନ କରିଥିଲେ, ଯାହାଦ୍ୱାରା ମୁଖ୍ୟଧାରାର ଏହି ଅଧିକାରୀମାନଙ୍କ ମନରେ ସକାରାତ୍ମକ ବ୍ୟାବହାରିକ ପରିବର୍ତ୍ତନ ହେବାରେ ସହାୟକ ହେଲା। ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଅରବିନ୍ଦ ବେହେରା, ଭା.ପ୍ର.ସେ ଏହି କର୍ମଶାଳାର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ଓଏଫଏସଡିପିର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ବିନୋଦକୁମାର, ଭା.ବ.ସେ ସଭା ପରିଚାଳନା କରିଥିଲେ।



କର୍ମଶାଳା ତଥା ଟେମ୍‌ର ଅଂଶଗ୍ରହଣକାରୀମାନେ ପାଞ୍ଚ ଦିନ ଧରି ନିଜ ନିଜର ଅଭିଜ୍ଞତା ବର୍ଣ୍ଣନା କରିବା ସହ ନିଜର କାର୍ଯ୍ୟ ପ୍ରତି ପ୍ରୋତ୍ସାହିତ ହୋଇଥିଲେ ଓ ବିକାଶ, ସଂରକ୍ଷଣ ଓ ସୁରକ୍ଷା ପାଇଁ ବିଭିନ୍ନ ସ୍ତରକୁ ଛାଡି ସମସ୍ତେ ନିଜକୁ ଏକ ମନେ କରିଥିଲେ। ସେମାନଙ୍କ ଭିତରେ ସୃଷ୍ଟି ହୋଇଥିବା ଉତ୍ସାହ ଓ ସଚେତନତା ସେଠାରେ ହୋଇଥିବା ଆଲୋଚନାରେ ପରିସ୍ଫୁଟିତ ହୋଇଥିଲା।

## ଆଇଆଇଏମ ଓ ବିଦେଶରେ ୧୯୮୪ ବ୍ୟାଚ୍ ଭା.ବ.ସେ ଅଧିକାରୀଙ୍କ ଚାକିରି ମଧ୍ୟବର୍ତ୍ତୀ ତାଲିମ

୧୯୮୪ ବ୍ୟାଚର ଓଡ଼ିଶା କ୍ୟାଡର ଭାରତୀୟ ବନ ସେବା ଅଧିକାରୀ ମୁଖ୍ୟତଃ ମୁଖ୍ୟ ବନ ସଂରକ୍ଷକ ତଥା ପ୍ରକଳ୍ପର କେତେକ ଆରସିସିଏଫ ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଦ୍ୱାରା ପ୍ରଯୋଜିତ ଚାକିରି ମଧ୍ୟବର୍ତ୍ତୀ ପଞ୍ଚମ ଦଫା ତାଲିମରେ ୧୦ ଜୁଲାଇରୁ ୬ ଅଗଷ୍ଟ ୨୦୧୧ ଯାଏଁ ଭାଗ ନେଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମ ଆଇଆଇଏମ ବାଙ୍ଗାଲୋର ଦ୍ୱାରା ପ୍ରଥମ ସପ୍ତାହରେ ଓ ଇନ୍ଦିରା ଗାନ୍ଧୀ ଜାତୀୟ ଜଙ୍ଗଲ ଏକାଡେମୀ, ଡେରାଡୁନରେ ଶେଷ ସପ୍ତାହରେ ଆୟୋଜିତ ହୋଇଥିଲା। ଏହା ମଧ୍ୟରେ ଏହି ଗୋଷ୍ଠୀ ଦୁଇଭାଗରେ ବିଭକ୍ତ ହୋଇ ଶ୍ରୀମତୀ ରେବେକା ନାୟାର ଏବଂ ଶ୍ରୀ ଏ. ଭରତୁଆର, ଏ ଓ ଏଫ ବଖଲା, ପି. ବେହେରା,ଏସ ତ୍ରିପାଠୀ ଏବଂ ଡଃ ଏ କେ ମହାପାତ୍ରଙ୍କ ଗୋଷ୍ଠୀ ମ୍ୟାକ୍ସୱେଲ ସ୍କୁଲ ଅଫ ପବ୍ଲିକ୍ ପଲିସି, ସିରାକସ୍ ବିଶ୍ୱବିଦ୍ୟାଳୟ ନ୍ୟୁୟର୍କ ଓ ସେହି ସମୟରେ ଅନ୍ୟ ଗୋଷ୍ଠୀ ସର୍ବଶ୍ରୀ ଏସ.କେ ସିହ୍ନା, ଏମ ସତ୍ୟନାରାୟଣା କାନାଡାର ଭାନକୋଭରସ୍ଥିତ ବ୍ରିଟିଶ କଲମ୍ବିଆ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଫରେଷ୍ଟ୍ରିରେ ତାଲିମ ନେଇଥିଲେ।





# ଅଗ୍ରଗତି

## ଷ୍ଟାଣ୍ଡିଂ କମିଟିର ବୃକ୍ଷରୋପଣ ଅଞ୍ଚଳ ପରିଦର୍ଶନ



ତାମରା କ୍ଷେତ୍ର ପରିଚାଳନା କେନ୍ଦ୍ର ଅନ୍ତର୍ଗତ ବଡଗାଁ ଭିଏସଏସକୁ ଯୁଗ୍ମ ବନ ପରିଚାଳନା ମାଧ୍ୟମରେ ପରିଚାଳନା ପାଇଁ ୧୪୧ ହେକ୍ଟର ଜଙ୍ଗଲ ଜମି ନିର୍ଦ୍ଧାରିତ କରାଯାଇଥିବାବେଳେ ସେଥିରୁ ଓଏଫଏସଡିପି ଅଧୀନରେ ୧୧୦ ହେକ୍ଟର ଜମିର ଉପଚାର କରାଯାଉଛି। ଉପାଦାନଭିତ୍ତିକ ତଥ୍ୟ ଅନୁସାରେ ଗ୍ୟାପ ବିନା ଏଏନଆର ୬୮ ହେକ୍ଟର, ଗ୍ୟାପ ସହ ଏଏନଆର ୧୭ ହେକ୍ଟର, ଅର୍ଥନୈତିକ ୧ହେକ୍ଟର, ଏନଟିଏଫପି ୨୩ହେକ୍ଟର। ମୋଟ ୧୮୪୦୦ ଚାରା ରୋପଣ କରାଯାଇଛି। ଭିଏସଏସ ସଭ୍ୟମାନଙ୍କ ଦ୍ୱାରା ବୃକ୍ଷରୋପଣ ଅଞ୍ଚଳକୁ ନିୟମିତଭାବେ ତଦାରଖ କରାଯିବା ସହ 'ଠେଙ୍ଗାପାଳି' ଦ୍ୱାରା ଜଗାଯାଉଛି। ଏହି ଭିଏସଏସ ୨୦୧୧ ମସିହାରେ ପ୍ରକୃତି ମିତ୍ର ପୁରସ୍କାର ପାଇଛି। ୨୮.୦୯.୨୦୧୧ରେ ସୁନ୍ଦରଗଡ ଜିଲ୍ଲା ପରିଷଦର ଷ୍ଟାଣ୍ଡିଂ କମିଟି ଏହି ବୃକ୍ଷରୋପଣ ଅଞ୍ଚଳ ପରିଦର୍ଶନ କରିବା ସହ ନିର୍ଦ୍ଧାରିତ ଜଙ୍ଗଲ ଅଞ୍ଚଳକୁ ଭିଏସଏସ ସଭ୍ୟମାନେ ଯେଉଁପରିଭାବେ ଜଗାରଖା କରି ସଂରକ୍ଷିତ କରି ରଖିଛନ୍ତି ତାହାର ଉଚ୍ଚ ପ୍ରଶଂସା କରିଥିଲେ। ଭିଏସଏସ ସଭ୍ୟମାନଙ୍କ ନିଷ୍ପାପର ଉଦ୍ୟମ ଯୋଗୁଁ ସେହି ଜଙ୍ଗଲରେ ପଶୁଚାରଣକୁ ରୋକିବା ଓ ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା କରିବା ଯୋଗୁଁ ୨୦୧୦-୧୧ ବର୍ଷରେ ହୋଇଥିବା ବୃକ୍ଷରୋପଣ ଭଲ ସ୍ଥିତିରେ ଅଛି ଓ ଚାରା ଓ ଜାଳେଣୀ ବୃକ୍ଷରୋପଣ ହାରାହାରି ଉଚ୍ଚତା ଦ୍ୱିତୀୟ ବର୍ଷରେ ୬ ଫୁଟରେ ପହଞ୍ଚିଲାଣି।

## ବଡମୋହନପୁରରେ ସଫଳ ବୃକ୍ଷରୋପଣ



କେନ୍ଦୁଝର ଜିଲ୍ଲା ସଦର ମହକୁମାଠାରୁ ଆଠ କି.ମି ଦୂରରେ ବଡମୋହନପୁର ଗ୍ରାମ ଅବସ୍ଥିତ। ଗ୍ରାମବାସୀମାନେ ମୁଖ୍ୟତଃ ଆଦିବାସୀ ଓ ଜୀବିକା ନିର୍ବାହ ପାଇଁ ଜଙ୍ଗଲ ଉପରେ ନିର୍ଭର କରନ୍ତି। ୨୦୦୮-୦୯ରେ ଭିଏସଏସ ଗଠିତ ହୋଇଥିଲା ଓ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ୧୧୮.୮୪୩ ହେକ୍ଟର ସୁରକ୍ଷା ପାଇଁ ପ୍ରଦାନ କରାଯାଇଥିଲା। ୭୦ ହେକ୍ଟର ଅଞ୍ଚଳରେ ଏନଏଆର ଗ୍ୟାପ ବୃକ୍ଷରୋପଣ କରାଯାଇ ବିଭିନ୍ନ ପ୍ରକାର ମୋଟ ୨୧,୦୦୦ ଚାରା ରୋପଣ କରାଯାଇଥିଲା। ଭିଏସଏସ ଗ୍ରାମବାସୀଙ୍କୁ ଲଗାଇ ଜଙ୍ଗଲର ବୁଦା ସଫେଇ ଓ ଖୁଣ୍ଟା କଟା କାର୍ଯ୍ୟ, ଜଳ ମୃତ୍ତିକା ସଂରକ୍ଷଣ କାର୍ଯ୍ୟ ତଥା ବୃକ୍ଷରୋପଣ କରାଇଥିଲା। ଭିଏସଏସ ସଭ୍ୟମାନଙ୍କ ପ୍ରବଳ ଉତ୍ସାହ ଓ ସହଯୋଗ ଯୋଗୁଁ ଏହି ବୃକ୍ଷରୋପଣ ଏ ଅଞ୍ଚଳରେ ଏକ ବଡ ସଫଳତାଭାବେ ଉଭା ହୋଇଛି। ମାତ୍ର ତିନି ବର୍ଷ ମଧ୍ୟରେ ଏହି ବୃକ୍ଷଗୁଡିକ ୨୦ ଫୁଟ ଉଚ୍ଚ ହୋଇଥିବା ଏବଂ କ୍ଷେତ୍ରରେ ମୋଟ ୯୫ %ରୁ ଉର୍ଦ୍ଧ୍ୱ ଗଛ ବଞ୍ଚିଥିବା ରେକର୍ଡ କରାଯାଇଛି। ଜଙ୍ଗଲ ଓ ପରିବେଶ ବିଭାଗର ତତ୍କାଳୀନ ପ୍ରମୁଖ ସଚିବ ଡଃ ଅରବିନ୍ଦ ବେହେରା, ଭା.ପ୍ର.ସେ. ଏବଂ ଅନ୍ୟ ବରିଷ୍ଠ ବନ ଅଧିକାରୀ ଯଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଶ୍ରୀ ସୁଭାଷ ସ୍ୱାଇଁ, ଭା.ବ.ସେ. ଏବଂ ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦେବୀଦତ୍ତ ବିଶ୍ୱାଳ, ଭା.ବ.ସେ ଏହି ବୃକ୍ଷରୋପଣ ପରିଦର୍ଶନ କରି ପ୍ରଶଂସା କରିଛନ୍ତି।

## ନିରାପଦ ବସା

କିଛି ବର୍ଷ ତଳେ ଉପରଡିଆ ଗ୍ରାମକୁ ଲାଗି ରହିଥିବା ସମୁଦ୍ରକୂଳ ଏକ ଖୋଲା ଚାରଣ ଭୂମି ଥିଲା ଓ ସେଠାରେ କେବଳ ବାଲି ଜମା ହେଉଥିଲା। ଗାଁର ଗୋପାଳିତ ପଶୁଙ୍କ ଚାରଣ ଓ ମାଛ କଙ୍କଡା ସଂଗ୍ରହର ପ୍ରବଳ ଚାପ ଯୋଗୁଁ ହେନ୍ତାଳ ବଣ ପୁନର୍ଜନନ ହେବା ବାଧାପ୍ରାପ୍ତ ହେଉଥିଲା। ଓଏଫଏସଡିପି ଉଦ୍ୟମ ଯୋଗୁଁ ଉପରଡିଆ ଗ୍ରାମରେ ପରିବେଶ ବିକାଶ କ୍ଲବ୍ ଗଠିତ ହେଲା ଓ ଯୁଗ୍ମ ବନ ପରିଚାଳନା ଧାରାରେ ହେନ୍ତାଳ ବଣ ପୁନର୍ଜନନ କାର୍ଯ୍ୟକ୍ରମ ୨୦୦୯-୧୦ରୁ ଆରମ୍ଭ ହେଲା। ଉପରଡିଆ ଇଡିସିର ଉଦ୍ୟମ ଯୋଗୁଁ ସ୍ଥାନୀୟ ଗୋଷ୍ଠୀ ଉପରେ ଏକ ସକାରତ୍ମକ ପ୍ରଭାବ ପଡିଲା ଓ ଫଳସ୍ୱରୂପ ଏବେ ସେଠାରେ ସବୁଜିମା ଦେଖାଦେଇଛି। ମୋଟ ୩୫ ହେକ୍ଟର ଅଞ୍ଚଳରେ ୨୦୧୦ ସୁଦ୍ଧା ହେନ୍ତାଳ ବଣ ପୁନର୍ଜନନ ହୋଇପାରିଛି ଓ ଚଳିତ ବର୍ଷ ବୃକ୍ଷରୋପଣ କାର୍ଯ୍ୟକ୍ରମ ଦ୍ୱାରା ଆଉ ୨୦ ହେକ୍ଟର ବୃକ୍ଷରୋପଣ କରାଯିବ। ଇଡିସି ଯୁଗ୍ମ ବନ ପରିଚାଳନା ଧାରା ଯୋଗୁଁ ସେଠାରେ ଚାରଣ, ବେଆଇନ ଗଛ କଟା ଓ ପକ୍ଷୀମାନଙ୍କ ସୁରକ୍ଷାକୁ ନିୟନ୍ତ୍ରିତ କରିପାରିଛି। ଏହି ଧାରା ଯୋଗୁଁ ପକ୍ଷୀମାନେ ଏବେ ସେହି ଅଞ୍ଚଳରେ ବସା ବାନ୍ଧିବାକୁ ସୁରକ୍ଷିତ ମଣୁଥିବାବେଳେ ଅଣ୍ଡା ମଧ୍ୟ ଦେଉଛନ୍ତି। ଇଡିସି ପରିଚାଳିତ ଅଞ୍ଚଳର ଘଞ୍ଚ ହେନ୍ତାଳ ବଣ ଯୋଗୁଁ କଙ୍କଡା ବଂଶ ବୃଦ୍ଧି ପାଇ ତାହା ଏକ ନୂତନ ଧାରା ସୃଷ୍ଟି କରିଛି। କାର୍ଯ୍ୟକ୍ରମ ଚାଲୁଥିବା ଏହି ଅଞ୍ଚଳରେ ହୋଇଥିବା ଅନୁଧ୍ୟାନ ରିପୋର୍ଟ ମୁତାବକ ଗୋଟିଏ ଗଛର ହାରାହାରି ଉଚ୍ଚତା ୯୨ ସେ.ମି ହୋଇଥିବାବେଳେ ସର୍ବାଧିକ ଉଚ୍ଚତା ୨୦୮ ସେ.ମି ଓ ସର୍ବନିମ୍ନ ଉଚ୍ଚତା ୪୦ ସେ.ମି। ସେମାନଙ୍କ ଜଗାରଖା ଯୋଗୁଁ ଉପଚାର ଅଞ୍ଚଳ ପାଖାପାଖି ଅଞ୍ଚଳରେ ମଧ୍ୟ ପ୍ରାକୃତିକ ପୁନର୍ଜନନ ଘଟି ବୃକ୍ଷଗୁଡିକ ସର୍ବାଧିକ ଉଚ୍ଚତା ୨୬୦ସେ.ମିରେ ଓ ସର୍ବନିମ୍ନ ଉଚ୍ଚତା ୮୦ସେ.ମିରେ ପହଞ୍ଚିଛି। ପକ୍ଷୀମାନଙ୍କ ସୁରକ୍ଷିତ ବସା ଓ କଙ୍କଡା ବଂଶ ବୃଦ୍ଧି ଜୈବ ବିବଧତା ବୃଦ୍ଧି ପାଉଥିବା ଦର୍ଶାଉଛି, ଯେଉଁ ଅଞ୍ଚଳ କି ପୂର୍ବରୁ ବ୍ୟାପକ ମଣିଷ ପଶୁ ଚାପରେ ରହିଥିଲା। ଏହାଦ୍ୱାରା ଉପରଡିଆ ଇଡିସି ପାଇଁ ଭଲ ଜୀବିକା ନିର୍ବାହ ସୁଯୋଗ ସୃଷ୍ଟି ହୋଇଛି।





# ନକ୍ଷତ୍ର ବନ  ବୋରିଗୁମ୍ମା କେନ୍ଦ୍ରୀୟ ନର୍ସରୀ





ଜଙ୍ଗଲ ଓ ଗୋଷ୍ଠୀର ବିକାଶ ପାଇଁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ନୂତନ ଧରଣର ସମ୍ମିଳିତ ଉଦ୍ୟମ କରୁଛି। ଏହି ଲକ୍ଷ୍ୟ ନେଇ ନକ୍ଷତ୍ର ବନ ଏକ ଉଦାହରଣୀୟ ତଥା ମହତ ଚିନ୍ତାଧାରା ଯାହାଦ୍ୱାରା କି ବୃକ୍ଷ ରୋପଣ ଲୋକପ୍ରିୟ ହୋଇପାରିବ। ଏପରି ଏକ ନକ୍ଷତ୍ର ବନ ଜୟପୁର ଖଣ୍ଡୀୟ ପରିଚାଳନା କେନ୍ଦ୍ର ଅନ୍ତର୍ଗତ ବୋରିଗୁମ୍ମା କେନ୍ଦ୍ରୀୟ ନର୍ସରୀ ମଧ୍ୟରେ ସ୍ଥାପନ କରାଯାଇଛି। ବନ ମହୋତ୍ସବ – ୨୦୧୧ ପାଳନ ଅବସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନ୍ୟ ବିଭାଗୀୟ ଅଧିକାରୀ ତଥା ଲୋକଙ୍କ ଗହଣରେ ଏହାକୁ ଉଦ୍‌ଘାଟନ କରିବା ସହ ଲୋକଙ୍କ ବ୍ୟବହାର ସକାଶେ ଖୋଲିଥିଲେ। ଔଷଧୀୟ, ସାମାଜିକ, ସୌନ୍ଦର୍ଯ୍ୟବର୍ଦ୍ଧକ ଏବଂ ଆର୍ଥିକ ମୂଲ୍ୟସମ୍ପନ୍ନ ୨୭ଟି ନକ୍ଷତ୍ରର ବୃକ୍ଷ ରୋପଣକୁ ଲୋକପ୍ରିୟ କରିବା ଏବଂ ଗ୍ରାମବାସୀ ତାହାକୁ ନିଜ ବାଡି କିମ୍ବା ଜମିରେ ଲଗାଇବା ଉଦ୍ଦେଶ୍ୟରେ ଏହି ମହତ ଚିନ୍ତାଧାରା କାର୍ଯ୍ୟକାରୀ କରାଯାଉଛି।

## କୁଇଜ୍ ୩ ର ବିଜେତା

### ଭିଏସଏସ/ଏସଏଚଜି

**ଭୀଷ୍ମ ସାହୁ**
ଗ୍ରାମ୍ୟ ବନ ସହାୟକ ସଗପଡା ଭିଏସଏସ
ପୋ: ତରୋମକଣ୍ଟା, ଭାୟା: ଶୁଆକାଟି ଜିଲ୍ଲା: କେନ୍ଦୁଝର

### ବନ ଅଧିକାରୀ

**ଗଜେନ୍ଦ୍ର ବେହେରା**
ସଭ୍ୟ ସଚିବ
ରାଇଗୋଡା ବନାଞ୍ଚଳ
ଅନଗୁଳ ଖଣ୍ଡୀୟ ପରିଚାଳନା କେନ୍ଦ୍ର, ଅନଗୁଳ

## ଓଏଫଏସଡିପି କୁଇଜ୍-୩ ର ଉତ୍ତର

| | | | |
|---|---|---|---|
| ୧. ଗ | ୬. କ | ୧୧. ଖ | ୧୬. ଖ |
| ୨. ଗ | ୭. କ | ୧୨. କ | ୧୭. ଘ |
| ୩. କ | ୮. ଘ | ୧୩. ଗ | ୧୮. କ |
| ୪. କ | ୯. ଗ | ୧୪. ଘ | ୧୯. କ |
| ୫. ଖ | ୧୦. ଘ | ୧୫. ଘ | ୨୦. ଗ |

ଯଦିଓ ଆମେ ୧୫୦ ଉତ୍ତର ପାଇଥିଲୁ, କେହି ଜଣେ ମଧ୍ୟ ସମସ୍ତ ପ୍ରଶ୍ନର ସଠିକ୍ ଉତ୍ତର ଦେଇପାରିନାହାନ୍ତି। ତେଣୁ ସର୍ବାଧିକ ସଠିକ୍ ଉତ୍ତର ଦେଇଥିବା ବ୍ୟକ୍ତିଙ୍କୁ ପୁରସ୍କାର ଦିଆଯିବାକୁ ନିର୍ଣ୍ଣୟ କରାଗଲା। ପୁରସ୍କାର ରାଶି ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଖଣ୍ଡୀୟ ପରିଚାଳନା କେନ୍ଦ୍ର ମୁଖ୍ୟଙ୍କ ମାଧ୍ୟମରେ ଖୁବ ଶୀଘ୍ର ପଠାଯିବ।

**ବିଜେତାଙ୍କୁ ଶୁଭେଚ୍ଛା**

OFSDP
ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ

ଜାପାନ ଆନ୍ତର୍ଜାତିକ ସହଯୋଗ ସଂସ୍ଥା ସହାୟତାପ୍ରାପ୍ତ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଏହି ତ୍ରୈମାସିକ ସୂଚନାପତ୍ର ସମସ୍ତ ଅଂଶୀଦାରମାନଙ୍କୁ ଉପଯୁକ୍ତ ସମୟରେ ପ୍ରକଳ୍ପ କାର୍ଯ୍ୟାବଳୀ ଉପରେ ତଥ୍ୟ ଯୋଗାଇଦେବ।

ମନ୍ତବ୍ୟ/ପ୍ରସ୍ତାବ ଦେବା ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ
ଉପ ପ୍ରକଳ୍ପ ନିର୍ଦ୍ଦେଶକ (ପି ଆଣ୍ଡ ଏ)
E-mail : dpd.pa@ofsdp.org

**ପ୍ରକାଶକ**
ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ
ଏସଏଫଟିଆରଆଇ ପରିସର, ଘାଟିକିଆ, ଭୁବନେଶ୍ୱର-୭୫୧ ୦୦୩
ଫୋନ : ୦୬୭୪-୨୩୮୬୦୧୬, ଫ୍ୟାକ୍ସ : ୦୬୭୪-୨୩୮୬୦୮୫
E-mail : webmail@ofsdp.org, http:\\www.ofsdp.org

**ସମ୍ପାଦକ ମଣ୍ଡଳୀ**
ମୁଖ୍ୟ ସମ୍ପାଦକ : ପ୍ରକଳ୍ପ ନିର୍ଦ୍ଦେଶକ, ଓଏଫଏସଡିପି
ପରିଚାଳନା ସମ୍ପାଦକ : ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ଏଚଆରଡି ଏବଂ ଆର)
ସମ୍ପାଦକ : ଉପ ପ୍ରକଳ୍ପ ନିର୍ଦ୍ଦେଶକ (ପି ଆଣ୍ଡ ଏ)
ଉପଦେଷ୍ଟା : ଦଳପତି ସାଧାରଣ ପରାମର୍ଶଦାତା, ଓଏଫଏସଡିପି ଏବଂ ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ଏ ଆଣ୍ଡ ଏଫ), ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ଆଇଏମଇ)

**ମୁଦ୍ରାକାର : ଜ୍ୟୋତିଗ୍ରାଫିକ୍ସ**
ଫୋନ : ୦୬୭୪-୨୫୪୪୨୦୯

# ଓଏଫଏସଡିପି ଦ୍ୱାରା ପାରା-ଶିକ୍ଷକ ବ୍ୟବସ୍ଥା ପ୍ରବର୍ତ୍ତନ





ଦୁର୍ଗମ ଅଞ୍ଚଳରେ ଅବସ୍ଥିତ ଭିଏସଏସ / ଇଡିସିଗୁଡିକର ବିଦ୍ୟାଳୟ ଯାଉ ନ ଥିବା ପିଲାମାନଙ୍କ ପାଇଁ ଅଣ-ଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥା କରାଇବା ପାଇଁ ଓଏଫଏସଡିପି ବିଶେଷ ଉଦ୍ୟମ ଆରମ୍ଭ କରିଛି। ଯେଉଁ ଭିଏସଏସ / ଇଡିସି ସଭ୍ୟମାନେ ଓଜନ ବୁଝିବାରେ ସମସ୍ୟା ଅନୁଭବ କରୁଛନ୍ତି, ଟଙ୍କା ଚିହ୍ନିବାରେ ଓ ହିସାବରେ ଅସୁବିଧା ଭୋଗୁଛନ୍ତି ଓ ଯେଉଁମାନେ କାର୍ଯ୍ୟକ୍ରମର ସୁବିଧା ନେବାକୁ ଇଚ୍ଛୁକ ସେମାନଙ୍କ ପାଇଁ ମଧ୍ୟ ପ୍ରକଳ୍ପ ଅଣ-ଆନୁଷ୍ଠାନିକ ସାକ୍ଷର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛି। ଭିଏସଏସ / ଇଡିସି ସେମାନଙ୍କ ଗାଁର ଜଣେ ଶିକ୍ଷିତ ଯୁବକ/ ଯୁବତୀଙ୍କୁ ତାଲିମ ପାଇଁ ମନୋନୀତ କରୁଛନ୍ତି ଓ ପରେ ସେମାନେ ଗାଁରେ ଅଣ-ଆନୁଷ୍ଠାନିକ ଶିକ୍ଷାଦାନ କରିବେ। ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ କର୍ତ୍ତୃପକ୍ଷ (ଓପେପା) ସହ ଏକାଭିମୁଖୀକରଣ ଦ୍ୱାରା ପ୍ରକଳ୍ପ ଯାତ୍ରୀ ନିବାସ ଭୁବନେଶ୍ୱରଠାରେ ୨୬ରୁ ୩୦ ସେପ୍ଟେମ୍ବର ୨୦୧୧ ଯାଏଁ ଏକ ପାରା-ଶିକ୍ଷକ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଶ୍ରୀ ବିନୋଦକୁମାର, ଭା.ବ.ସେ. ପ୍ରକଳ୍ପ ନିର୍ଦ୍ଦେଶକ ଓଏଫଏସଡିପି, ଶ୍ରୀ କେ.ଜି ମହାପାତ୍ର, ଭା.ପ୍ର.ସେ. ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଓପେପା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରକଳ୍ପ ବନଖଣ୍ଡର ଅନଗୁଳ, ବାଲିଗୁଡା, ବଣାଁଇ, ଦେବଗଡ, ଜୟପୁର, କେନ୍ଦୁଝର, ପାରଳାଖେମୁଣ୍ଡି ଓ ଫୁଲବାଣୀର ୧୪୮ ଜଣ ଶିକ୍ଷିତ ଯୁବକ / ଯୁବତୀ (ଅଣ-ଆନୁଷ୍ଠାନିକ ଶିକ୍ଷା କେନ୍ଦ୍ର ତାଲିମଦାତା) ଏହି ତାଲିମ ଶିବିରରେ ଯୋଗଦେଇଥିଲେ। ଓପେପାର ୧୬ଜଣ ସମ୍ବଳ ବ୍ୟକ୍ତିଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଇଥିଲା। ଏହା ପ୍ରଥମ ଦଫା ତାଲିମ ଓ ଅନ୍ୟ ବନଖଣ୍ଡ ପାଇଁ ଏହିପରି ତାଲିମ ଭବିଷ୍ୟତରେ ମଧ୍ୟ ପ୍ରଦାନ କରାଯିବ। ପାରା-ଶିକ୍ଷକମାନଙ୍କୁ କିଟ୍ ପ୍ରଦାନ କରାଯାଇଥିଲା ଯେଉଁଥିରେ ବହି, ଖାତା ଓ ଖେଳ ସାମଗ୍ରୀ ଥିଲା। ଆଠୋଟି ବନଖଣ୍ଡର ଏହି ଶିକ୍ଷିତ ଯୁବକ ଯୁବତୀମାନେ ଯେଉଁ ଗାଁଠାରୁ ୧ କି.ମି ଦୂରରେ ବିଦ୍ୟାଳୟ ନ ଥିବ ସେହି ଗାଁର ବିଦ୍ୟାଳୟ ଛାଡିଥିବା ପିଲାମାନଙ୍କୁ, ଏସଏଚଜି ମହିଳାମାନଙ୍କୁ ଓ ଗ୍ରାମର ଅନ୍ୟ ଆଗ୍ରହୀ ବ୍ୟକ୍ତିମାନଙ୍କୁ ନଭେମ୍ବର ୨୦୧୧ ଠାରୁ ପାଠ ପଢାଇବେ।

## ଜୈବ ବିବିଧତାରେ ଏଏନଆର କାର୍ଯ୍ୟକ୍ରମର ପ୍ରଭାବ ଉପରେ
# ଅନୁଶୀଳନ

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ପାଞ୍ଚୋଟି ବନଖଣ୍ଡ ଯଥା କୋରାପୁଟ, ରାୟଗଡା, ବାଲିଗୁଡା, ଫୁଲବାଣୀ ଓ ଜୟପୁରରେ ମେସର୍ସ ସିଟ୍ରାନ କନସଲ୍ଟିଂ ପ୍ରାଇଭେଟ ଲିମିଟେଡ ଦ୍ୱାରା “ଜୈବ ବିବିଧତାରେ ଏଏନଆର କାର୍ଯ୍ୟକ୍ରମର ପ୍ରଭାବ” ସମ୍ପର୍କରେ ଏକ ଅନୁଶୀଳନ କରାଯାଇଥିଲା। ଏହି ଅନୁଶୀଳନର ମୌଳିକ ଲକ୍ଷ୍ୟ ହେଲା:

୧. ବୟସ ଅନୁସାରେ ବଢୁଥିବା ଓଡ଼ିଶାର ଜଙ୍ଗଲ ଉପାଦାନ, ଗଠନ ଏବଂ ପୁଷ୍ପ ସମ୍ବନ୍ଧୀୟ ଜୈବ ବିବିଧତା ଉପରେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ଦ୍ୱାରା ଗ୍ରହଣ କରାଯାଇଥିବା ପୁନର୍ଜନନ ସହାୟକ କାର୍ଯ୍ୟକ୍ରମ (ଏଏନଆର)ର ପ୍ରଭାବ ବିଶ୍ଳେଷଣ କରିବା

୨. ଫଳପ୍ରଦ ଜୈବବିବିଧତା ମୁଖ୍ୟତଃ ଜୀବିକା ନିର୍ବାହ ବୃଦ୍ଧି କ୍ଷେତ୍ରରେ ଉତ୍ପାଦ ଓ ସେବାର ପରିମାଣକୁ ମୂଲ୍ୟାୟନ କରିବା

୩. ପ୍ରାଣୀ ବିବିଧତା ଉପରେ ପୁନର୍ଜନନ ସହାୟକ କାର୍ଯ୍ୟକ୍ରମର ପ୍ରଭାବ ମୂଲ୍ୟାୟନ କରିବା

ଏହି ଅନୁଶୀଳନ ଦୁଇଟି ପର୍ଯ୍ୟାୟ /ଭାଗରେ କରାଯାଇଥିଲା। ଓଏଫଏସଡିପି ଅନ୍ତର୍ଗତ ଅଞ୍ଚଳର ୩୦ଟି ସ୍ଥାନରେ ଅନୁଶୀଳନ-୧ ଓ ଓଏଫଏସଡିପି ତଥା, ଆରଏଲଟିଏପି, ଏଫଡିଏ ଏବଂ ସୋସିଆଲ ଫରେଷ୍ଟ୍ରି ପ୍ରୋଜେକ୍ଟ ଅଞ୍ଚଳର ୭୨ଟି ସ୍ଥାନରେ ଅନୁଶୀଳନ-୨ କରାଯାଇଥିଲା। ପ୍ରତି ପ୍ରକଳ୍ପ କାର୍ଯ୍ୟକ୍ରମଗୁଡିକୁ ତିନୋଟି ଉପବିଭାଗରେ ବିଭକ୍ତ କରାଯାଇଥିଲା: ତାହା ହେଲା ଏଏନଆର କାର୍ଯ୍ୟକ୍ରମ କେବଳ ସଫେଇ ସହ, ଏଏନଆର କାର୍ଯ୍ୟକ୍ରମ ସଫେଇ ଓ ଗ୍ୟାପ ବୃକ୍ଷରୋପଣ ସହ ଓ ଏଏନଆର କାର୍ଯ୍ୟକ୍ରମ ସଫେଇ, ଗ୍ୟାପ ବୃକ୍ଷରୋପଣ ଓ ଜଳ ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମ ସହ।

### ଅନୁଶୀଳନ-୧ର ସାରମର୍ମ

ସଫେଇ, ଗ୍ୟାପ ବୃକ୍ଷରୋପଣ ଏବଂ ଜଳ ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମ ବିବିଧ ଜଙ୍ଗଲ ସୃଷ୍ଟି କରିବାରେ ସହାୟକ ହୋଇଛି, ଯେଉଁଥିରେ କି ବିଭିନ୍ନ ଧରଣର ବୃକ୍ଷ ରହିଥିବାବେଳେ ଅନ୍ୟ ଶ୍ରେଣୀର ବୃକ୍ଷ ୨-୩ ବର୍ଷ ଅବଧି ମଧ୍ୟରେ ଗଠନରେ ପରିବର୍ତ୍ତନ ଘଟିଥିବା ଲକ୍ଷ୍ୟ କରାଯାଇଛି। ତଳିଆ ଗୋଲେଇ ବୃକ୍ଷଗୁଡିକ ମଧ୍ୟରେ ପ୍ରତିଯୋଗିତା ଯୋଗୁଁ ମୂଳ ଅଞ୍ଚଳର ଡିଆମିଟର ଗ୍ରୋଥ୍ ବାଧାପ୍ରାପ୍ତ ହୋଇଛି। ବିଭିନ୍ନ ଧରଣର ଏଏନଆର କାର୍ଯ୍ୟକ୍ରମ ଯୋଗୁଁ ପତିତ ଜଙ୍ଗଲରେ ଫଳପ୍ରଦଜୈବ ବିବିଧତା ବୃଦ୍ଧିପାଇପାରିଛି ଏବଂ ଏବେ ଏହି ଧାରା ବୃଦ୍ଧି ପାଇବାରେ ଲାଗିଛି। ସାମାଜିକ ବାଡ ଦ୍ୱାରା ମଣିଷ ପଶୁଙ୍କ ଚାପ କମି ଜଙ୍ଗଲ ଉଲ୍ଲେଖନୀୟଭାବେ ବଢିଛି। ମୃତ୍ତିକାର ଉର୍ବରତା ଏବଂ ପ୍ରାଥମିକ ଶୁଷ୍କ ବାଇଓମାସ୍ ଉତ୍ପାଦନ ଧାରାରେ ମଧ୍ୟ ଉଲ୍ଲେଖନୀୟ ବିକାଶ ଦେଖାଦେଇଛି। ବୁଦାଗୁଡିକରେ ଅଧିକାଂଶ ଅସ୍ୱାଭାବିକ ମାଡିଯାଉଥିବା ପ୍ରଜାତି ସର୍ବାଧିକ ତେଣୁ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ବିଶେଷ ସଫେଇ କରାଯିବା ଉଚିତ।



ସଫେଇ, ଗ୍ୟାପ ବୃକ୍ଷରୋପଣ ଓ ଏସଏମସିର ପ୍ରକଳ୍ପ ପୂର୍ବବର୍ତ୍ତୀ ଦୃଶ୍ୟପଟ୍ଟ



ସଫେଇ, ଗ୍ୟାପ ବୃକ୍ଷରୋପଣ ଓ ଏସଏମସିର ପ୍ରକଳ୍ପ ପରବର୍ତ୍ତୀ ଦୃଶ୍ୟପଟ୍ଟ

### ଅନୁଶୀଳନ-୨ର ସାରମର୍ମ



ଗଛର ଗଭୀରତା, ମୂଳ ଅଞ୍ଚଳ, ବିବିଧତା, ପ୍ରାଧାନ୍ୟତା ସୂଚକାଙ୍କ, ବାଇଓ ମାସ ଉତ୍ପାଦନ, ମୃତ୍ତିକା ସଙ୍ଗଠିତ ଅଙ୍ଗାରମ୍ଳ ଆଦି ବିଷୟ ବିଚାର କରିବା ପରେ ଏହି ସିଦ୍ଧାନ୍ତ ମିଳିଲା ଯେ ସଫେଇ ଓ ଗ୍ୟାପ ବୃକ୍ଷରୋପଣ କାର୍ଯ୍ୟକ୍ରମ ମିଶ୍ରିତ ପତ୍ରଝଡା ଜଙ୍ଗଲରେ ଭଲ ଫଳାଫଳ ଦେଇଥିବାବେଳେ କେବଳ ସଫେଇ କାର୍ଯ୍ୟକ୍ରମ ଶାଳ ବୁଦା ରହିଥିବା ଜଙ୍ଗଲରେ ଭଲ ଫଳ ଦେଇଛି। ସଫେଇ, ଗ୍ୟାପ ବୃକ୍ଷରୋପଣ ଏବଂ ଜଳ ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମ ଅପେକ୍ଷାକୃତ ମିଶ୍ରିତ ପତ୍ରଝଡା ଜଙ୍ଗଲରେ ଭଲ ଫଳ ଦେଖାଇଛି। ବିଭିନ୍ନ ଯୋଜନା ଅଞ୍ଚଳ ମଧ୍ୟରେ ଓଏଫଏସଡିପି ଅଞ୍ଚଳରେ ଔଷଧୀୟ ବିବିଧତା ଭଲ ରହିଛି। ପ୍ରାଣୀ ବିବିଧତା କ୍ଷେତ୍ରରେ ପ୍ରଜାପତି ଓ ଯନ୍ଦା ସମ୍ପ୍ରଦାୟରେ ବହୁ ବିବିଧତା ଦେଖାଦେଇଥିଲା। ଏହି ପ୍ରଜାତି ଭଲ ଜଙ୍ଗଲ ବିବିଧତା ସମେତ ପୁନର୍ଜନନ ସ୍ଥିତି ଦର୍ଶାଉଛି। ଗୋଷ୍ଠୀ ଚିନ୍ତାଧାରାକୁ ଲକ୍ଷ୍ୟ କଲେ ଅନୁଶୀଳନର ଫଳାଫଳ ଦର୍ଶାଉଛି ଯେ ଓଏଫଏସଡିପି ପ୍ରକଳ୍ପ ଅଞ୍ଚଳରେ ସଚେତନତାର ମାତ୍ରାରେ ବ୍ୟାପକ ବୃଦ୍ଧି ଘଟିଛି।



ଓଏଫଏସଡିପି ଅଧୀନରେ କରାଯାଇଥିବା ଏଏନଆର କାର୍ଯ୍ୟକ୍ରମର ଅନୁଶୀଳନର ରିପୋର୍ଟ ଯଦିଓ ଟିକିଏ ଆଗୁଆ, କିନ୍ତୁ ଏହା ଗୋଷ୍ଠୀକୁ ଯୁଗ୍ମ ବନ ପରିଚାଳନା ପ୍ରତି ଆକୃଷ୍ଟ କରିବାରେ ଏକ କୌଶଳଭାବେ କାମ କରିବ। ଏହାଦ୍ୱାରା ଉତ୍ପାଦନ, ଜଙ୍ଗଲର ଜୈବ ବିବିଧତା ବୃଦ୍ଧି ପାଇବା ସହ ପତିତ ଜଙ୍ଗଲକୁ ସବୁଜିମା କରାଇବା ପାଇଁ ଓ ଜୀବିକା ନିର୍ବାହ ଚିନ୍ତାକୁ ଦୂର କରିବା ପାଇଁ ତଥା ମୃତ୍ତିକା ଜଳ ସଂରକ୍ଷଣ ଆଦି ପାଇଁ ସେମାନଙ୍କ ପ୍ରତିଶ୍ରୁତିବଦ୍ଧତା ଦୋହରାଯାଇପାରିବ।